**ଶେରଗଡ,(ନି.ପ୍ର) :** ସରକାରୀ ନୀତି ନିୟମ କୁ ଆଖି ମିଟିକା ମାରି ହିଞ୍ଜିଳି ଥାନା ଶେରଗଡ ତହସିଲ ଅଧିନସ୍ଥ ପାକିଡି ବାଲି ଶଯ୍ୟାର ନିର୍ଦ୍ଧାରିତ ଅଞ୍ଚଳ ବାହାରେ ବେଆଇନ ଭାବେ ବାଲି ଖନନ, ଉତ୍ତୋଳନ ଓ ପରିବହନ କୁ ନେଇ ସୋମବାର ପାକିଡି ସୈରାତ ରେ ଉତ୍ତେଜନା ପ୍ରକାଶ ପାଇଛି । ଲିଜଧାରୀ ଓ ତାଙ୍କ ସହଯୋଗୀ ପ୍ରଶାସନ ର ଆଇନ କୁ ଫୁ କରି ଏଭଳି କଳା କାରନାମା ଆରମ୍ଭ କରିଥିବା ଜଣାପଡିଛି । ସବୁ କିଛି ପ୍ରଶାସନିକ ଅଧିକାରୀ ଓ ତଳୁଆ କର୍ମଚାରୀ ଙ୍କ ଜ୍ଞାତସାରରେ ଚାଲିଛି ବୋଲି ଆଲୋଚନା ହେଉଛି । ଏଭଳି ବେଆଇନ କାର୍ଯ୍ୟ କଳାପ ପ୍ରତି କିଛି ଅଧିକାରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି ବୋଲି ସାଧାରଣ ରେ ଆଲୋଚନା ହେଉଛି । ଲିଜଧାରୀ ଓ ବିଭାଗୀୟ ଅଧିକାରୀ ଙ୍କ ସଲାସୁତୁରାରେ ବେଆଇନ ବାଲି ଖନନ,ଉତ୍ତୋଳନ ଓ ପରିବହନ ଯୋଗୁଁ ରାଜ୍ୟ ସରକାର ମୋଟା ଅଙ୍କର ରାଜସ୍ୱ ହରାଉଛନ୍ତି । ଶେରଗଡ ତହସିଲ ତଥା ହିଞ୍ଜିଳି ଥାନା ପାକିଡି ବାଲି ଶଯ୍ୟା ରୁ ବାଲି ଉତ୍ତୋଳନ ନିମନ୍ତେ ଜଣେ ଲିଜଧାରୀ ଙ୍କୁ ଅନୁମତି ପ୍ରଦାନ କରାଯାଇଛି । ବିଭାଗ ପକ୍ଷରୁ ସୀମା ନିର୍ଦ୍ଧାରଣ କରାଯାଇ ଖୁଣ୍ଟ ପୋତାଯାଇଛି । କିନ୍ତୁ ନିର୍ଦ୍ଧାରିତ ଅଞ୍ଚଳ ବାହାରୁ ବାଲି ଖନନ ହେଉଥିବା ରୁ ଏହାକୁ ବିରୋଧ କରି ଘାଟ ସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା । ଘଟଣା କୁ ନେଇ ଗ୍ରାମବାସୀ, ଜିଲ୍ଲା ଖଣିଜ ଅଧିକାରୀ, ଶେରଗଡ ତହସିଲଦାର ପିତ୍ତଳ ରାଜସ୍ୱ ନିରୀକ୍ଷକ ଓ ହିଞ୍ଜିଳି ଥାନାଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲୋକଙ୍କ ଅଭିଯୋଗ ଶୁଣି ପଦକ୍ଷେପ ନେବା ଲାଗି ପ୍ରତିଶୃତି ଦେଇଥିଲେ ।

# ସାଂସଦ ଓ ବିଧାୟକଙ୍କ ଦ୍ୱାରା ୧୩.୭୪ କୋଟି ଟଙ୍କାର ଶିଳାନ୍ୟାସ

**ଭାପୁର,(ନି.ପ୍ର) :** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳର ବିକାଶ ପାଇଁ ସାଂସଦ ଓ ବିଧାୟକଙ୍କ ଦ୍ୱାରା ସୋମବାର ଦିନ ୪ଟି ପ୍ରକଳ୍ପ ପାଇଁ ୧୩.୭୪ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି । କରବର ପଞ୍ଚାୟତର ଗୁଡୁପଡ଼ା ଗ୍ରାମ ଠାରୁ ବଡବର ପର୍ଯ୍ୟନ୍ତ ୧୧ଶହ ମିଟର ମହାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ସୁରକ୍ଷା, ପଥର ପ୍ୟାକିଂ ସହ ବୁରୁଜ ନିର୍ମାଣ ପାଇଁ ୧୧.୭୦ କୋଟି ଟଙ୍କା ଓ ଧାନଚାଙ୍ଗଡ଼ା ପଞ୍ଚାୟତର କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧାନଚାଙ୍ଗଡ଼ା ଗ୍ରାମ ଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ୩କି.ମି. ରାସ୍ତାର ଉନ୍ନତିକରଣ ପାଇଁ ୧.୨୦ କୋଟି ଟଙ୍କାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ସେହିପରି କଇଁଫୁଲିଆ ପଞ୍ଚାୟତ ବରପୁଟୁ



ଗ୍ରାମର ଗୟାପଥର କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ କେନାଲ ରାସ୍ତାର ୨୪୦୦ ମିଟର ଉନ୍ନତିକରଣ ପାଇଁ ୮୪ ଲକ୍ଷ ଟଙ୍କା ଓ ବାଇଗୁଣିଆ ପଞ୍ଚାୟତର କୁସୁମୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ନୂଆପଲ୍ଲୀ ଗ୍ରାମ ଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ୩୨ ଲକ୍ଷ ଟଙ୍କାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଉକ୍ତ ପ୍ରକଳ୍ପ ଗୁଡିକର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟ ଅତିଥି ରୂପେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ସ୍ଥାପକ ଭାବେ ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି କରିଥିଲେ । ଏହି ଅବସରରେ ନୟାଗଡ ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ, ସହକାରୀ ଯନ୍ତ୍ରୀ ରାମମୋହ ବେହେରା, ସହକାରୀ ଯନ୍ତ୍ରୀ ସସ୍ମିତା ସାହୁ,କ୍ଷୁଦ୍ର ଜଳସେଚନ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱନୀ କୁମାର ସନ୍ଥ, କନିଷ୍ଠ ଯନ୍ତ୍ରୀ ନୃସିଂହ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ଓ ସାଂସଦଙ୍କ ଏଭଳି ଉର୍ନ୍ନତି ମୂଳକ କାର୍ଯ୍ୟକୁ ଭାପୁର ବ୍ଲକ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ଚାଳକ ସମେତ ବାଲି ବେପାରୀ ଜେଲଗଲେ

**ବାଲିଅନ୍ତା,(ନି.ପ୍ର) :** ବାଲିଅନ୍ତା ଥାନା ପୁଲିସ ଆଜି ବର୍ଷ ବର୍ଷ ଧରି ଭୁବନପୁର ଚୋରା ବାଲିଘାଟ ଚଳାଇଥିବା ଅଜୟ ବେହେରା ଓରଫ ଅଜୁ (୫୩) ଏବଂ ବାଲି ନେଇ ଯାଉଥିବା ଟ୍ରାକ୍ଟର ଚାଳକ ସୁକୁରା ବିନ୍ଧାନି (୩୮) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉଭୟ ଅଜୁ ଏବଂ ସୁକୁରା ଜାମିନ ଖାରଜ ହୋଇଯିବାରୁ ତାଙ୍କୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଅଜୟ କୁମାର ବେହେରା ଏବଂ ତାଙ୍କ ଡ୍ରାଇଭର ସୁକୁରା ବିନ୍ଧାନି ମିଳିତ ଭାବେ ଭାର୍ଗବି ନଦୀରୁ ବାଲି ଚୋରା ଚାଲାଣ ରେ ଲିପ୍ତ ରହିଛନ୍ତି । ଚଢଉ ସମୟରେ ପୁଲିସ ନିମ୍ନୋକ୍ତ ଅଭିଯୁକ୍ତ ଦୁହିଁ ଙ୍କୁ କାବୁ କରିଥିଲେ ଓ ସେମାନଙ୍କ ହେପାଜତରୁ ଏକ ବାଲି ବୋଝେଇ



ଟ୍ରାକ୍ଟର ଜବତ କରିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ବେଆଇନ ଭାବରେ କୌଣସି ସରକାରୀ ଶୀକୃତିପ୍ରାପ୍ତ ଅନୁମତି ନଥାଇ ନଦୀ ବାଲି ଚୋରା ଚାଲାଣ ରେ ଲିପ୍ତ ରହିଥିବା ଦର୍ଶାଇଥିଲେ । ତଦନ୍ତ ରୁ ଜଣା ପଡିଛି ଯେ, ଆର୍ଥିକ ଲାଭ ପାଇଁ ଅଭିଯୁକ୍ତ ଦୁହେଁ ବେଆଇନ ଉପାୟ ଦ୍ୱାରା ଏହି କାର୍ଯ୍ୟ ଅନେକ ଦିନରୁ କରିଆସୁଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ଖାରିଆଗୁଡା କେନ୍ଦ୍ରୀୟ ସରକାରଙ୍କ ଡାକସେବା ଠପ୍, ଅଞ୍ଚଳବାସୀ ହନ୍ତସନ୍ତ

**ପାତ୍ରପୁର,(ନି.ପ୍ର) :** ସରକାର ଙ୍କ ଯୋଜନା ମାଳ ମାଳ ହେଲେ କାମ ପୁରା ଦୁର୍ବଳ, ଆମେ କହୁଛୁ ଏମିତି ଏକ ଘଟଣା ଯାହା କେନ୍ଦ୍ର ସରକାର ଙ୍କ ଯୋଜନା ଡାକ ବିଭାଗ କଥା ଯାହା ଆପଣଙ୍କୁ ସ୍ତବ୍ଧ କରିଦେବ । ଆମେ କହୁଛୁ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଖାରିଆଗୁଡା ଗ୍ରାମ ପଞ୍ଚାୟତ ଠାରେ ରହିଥିବା ପୋଷ୍ଟ ଅଫିସ ର କଥା, ଆପଣ ମାନେ ଜାଣନ୍ତି ଯେ ବହୁ ବର୍ଷ ହେବ ଡାକ ବିଭାଗ ର ବିଷୟରେ ସବୁବେଳେ ଆମେ ଜାଣିଛେ ଯେ ସେ ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସଦା ସର୍ବଦା ଜନତା ଜନାର୍ଦ୍ଦନ ଙ୍କ ଭରସା ପୋଷ୍ଟେଲ ଡିପାର୍ଟମେଣ୍ଟ ଉପରେ ? ହେଲେ ସବୁବେଳେ ଏହି ଡିପାର୍ଟମେଣ୍ଟ ରେ ପ୍ରାୟତଃ ଲିଙ୍କ ଫେଲ କେତେବେଳେ ପୋଷ୍ଟ ଅଫିସ ରେ ପୋଷ୍ଟ ମାଷ୍ଟର କୁଆଡେ ଚାଲି ଯାଉଛନ୍ତି କିଛି ଜଣା ପଡୁନି ଯାହା ସାଧାରଣ ଜନତା ପାଇଁ ମୁଣ୍ଡ ବିନ୍ଧାର କାରଣ ? ଯଦି ଘରର ମୁଖିଆ ଘର ଛାଡି ଅନ୍ୟତ୍ର ଯିବ ତାହେଲେ ପରିବାର ସଦସ୍ୟ ଙ୍କ ଅବସ୍ଥା କଣ ହେବ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ହେଉଛି ? ଗୋଟେ ସାଧାରଣ ଲୋକ ଟି ଯଦି ପୋଷ୍ଟ ଅଫିସ କୁ ଆସେ ତାକୁ ଅତି କମରେ ଗୋଟେ ଦିନ ତାର ପୋଷ୍ଟ ଅଫିସ ରେ ଚାଲି ଯାଉଛି କାହିଁକି ?



ସରକାର ଙ୍କ ସେଣ୍ଟ୍ରାଲ ଗମେଣ୍ଟ ଚାକିରୀ ବୋଲି ଖାରିଆଗୁଡା ପୋଷ୍ଟ ମାଷ୍ଟର କଣ ମନ ଇଛା ପୋଷ୍ଟ ଅଫିସ ଖୋଲିବେ ଆଉ ମନ ଇଛା ବନ୍ଦ କରିବେ ନାଁ କଣ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ପୋଷ୍ଟ ଅଫିସ କୁ ଆସି ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବେ ସାଧାରଣ ଜନତା ଆଉ ସରକାରୀ ବାବୁ ମାନେ ଗୋଡ଼ ରେ ଗୋଡ଼ ରଖି ମଉଜ କରିବାକୁ ବୋଧେ କେନ୍ଦ୍ର ସରକାର ଦରମା ଦିଅନ୍ତି । ସେ ଯାହା ବି ହେଉଛି ଖାଲି ଏହା ଖାଲି ଖାରିଆଗୁଡା ଡାକ ଅଫିସ ର କଥା ନୁହେଁ ପୁରା ଗଞ୍ଜାମ ଜିଲ୍ଲାର କିଛି ପୋଷ୍ଟ ଅଫିସ କଥା , ପୋଷ୍ଟ ମାଷ୍ଟର ମାନେ କିଏ ଏଗାର ଟା ରେ ଅଫିସ ଆସୁଛି ତ କିଏ ବିଭିନ୍ନ ପ୍ରକାର ବାହାନା ଦେଖେଇ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି , ଗୋଟେ ସାଧାରଣ ଲୋକଟି ଅଫିସ କୁ ଆସିଲେ ପୋଷ୍ଟ ମାଷ୍ଟର ମାନେ ବ୍ୟବହାର ଯେମିତି କରନ୍ତି ସତେ ଯେମିତି ତାଙ୍କ ଆଖିରେ ଜଣେ ସାଧାରଣ ଜନତା ଛେଳି ମେଣ୍ଢା ବୋଲି ଭାବନ୍ତି ବୋଧେ ଏହି ପୋଷ୍ଟ ମାଷ୍ଟର ଓ କିଛି କର୍ମଚାରି ଏହା କଣ ମନ ମୁଖି କାର୍ଯ୍ୟ କରିବାକୁ ସରକାର ଙ୍କ ଠାରୁ ଦରମା ନିଅନ୍ତି ଆଉ ଯଦି ଜଣେ ସାଧାରଣ ଜନତା ତାହାର ପ୍ରତିବାଦ କଲେ ତାକୁ ପୁଣି ହଇରାଣ ହେବା କୁ ପଡେ ଏଭଳି କାର୍ଯ୍ୟ କୁ କେତେଦୂର ଠିକ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ହେଉଛି ଏହାର ପ୍ରତିକ୍ରିୟା ପାଇଁ ବ୍ରହ୍ମପୁର ସୁପେରିଣ୍ଟେଣ୍ଡେଣ୍ଟ ଙ୍କୁ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନାହିଁ । କି କହିବ ହୋ ବଡ଼ ଘର ବଡ଼ ଗୁମର କଥା ଗୋ ? ଏଣୁ କେନ୍ଦ୍ରୀୟ ସରକାର ଙ୍କ ଭାରତୀୟ ଡାକ ସେବା କୁ ଯେମିତି ସୁଚାରୁ ରୂପେ ଲୋକଙ୍କୁ ସୁବିଧା ଦେଲେ ସାଧାରଣ ଲୋକେ ଉପକୃତ ହୋଇ ପାରିବେ ବୋଲି ସାଧାରଣ ରେ ଚର୍ଚ୍ଚା ଦେଖିବାକୁ ମିଳୁଛି ଏଣୁ ଡବଲ ଇଂଜିନ ସରକାର ଏହାର ତଦନ୍ତ କରିବା ଆବଶ୍ୟକ ରହିଛି ଓ ଅଫିସର ଙ୍କ ଏହି ମନ ମୁଖି କାର୍ଯ୍ୟ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ପ୍ରାୟତଃ ଖାରିଆଗୁଡା ପୋଷ୍ଟ ଅଫିସ ପୋଷ୍ଟ ମାଷ୍ଟର ଙ୍କ ଦେଖା ଅଫିସ ରେ କମ ମିଳେ ଯାହା ଦ୍ୱାରା ସାଧାରଣ ଲୋକଟି ହଇରାଣ ହୁଏ । ଏଣୁ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି, ଦେଖିବାକୁ ରହିଲା ଖାରିଆଗୁଡା ପୋଷ୍ଟ ଅଞ୍ଚଳ ର ଜନତା ଜନାର୍ଦ୍ଦନ ଙ୍କୁ ସୁଚାର ରୂପେ ପୋଷ୍ଟଲ ସେବା ମିଳି ପାରିବ ।

# ସାଧାରଣତନ୍ତ୍ର ଦିବସ ପାଳିତ

**ଉମରକୋଟ,(ନି.ପ୍ର) :** ନବରଙ୍ଗପୁର ଜିଲା ଉମରକୋଟ ଠାରେ ଉପଖଣ୍ଡ ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ଡିଏନକେ ମିନି ଷ୍ଟାଡିୟମ ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ ମିଶ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟ ଓ କଲେଜ, ପକ୍ଷରୁ ଆସିଥିବା ପରେଡ ଗ୍ରୁପଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ସ୍ମମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ ପୌରପରିଷଦର ଅଧକ୍ଷା ରାଧା ଭତ୍ରା,ଉପାଧକ୍ଷ ସୁଧାଂଶୁ ଦାସ, ଓକିଲ ସଂଘର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ସାହୁ , ପୋଲିସ ବିଭାଗର ଏସ,ଡି ,ପିଓ ।ଉମରକୋଟ ତହସିଲଦାର ତଥା ସାଧାରଣତନ୍ତ୍ର ଦିବସ କମିଟିର ସଭାପତି ଶ୍ରୀ ମେଘବାନ ବାଘଙ୍କ ତତ୍ୱ ବଧନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟ ଓ କଲେଜ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା । ବିଭିନ୍ନ ଶିକ୍ଷା ଅନୁଷ୍ଠାନ ରେ ଏହି କମିଟି ଦ୍ୱାରା ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା ମାନ କରି ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମନଙ୍କ ଦ୍ୱାରା ମାନପତ୍ର ସହ , କୋପ ମାନ ପ୍ରଦାନ କରାଯାଇଥିଲା । ସେହିପରି ପ୍ୟାରେଡ଼ରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଦଳ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



# ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

**ବଡଗଡ,(ନି.ପ୍ର) :** ବିଭିନ୍ନ ସ୍ଥାନରେ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ସୋଇଯାଇଛି । ବଡଗଡ ଥାନା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ବେହେରା ପତକା ଉତ୍ତୋଳନ କରିଥିଲେ ।ଏସ ଆଇ ଶ୍ରୀ ରାଜରଜନ ନାୟକ ଓ ଶ୍ରୀନିବାସ ପାଲଟା ସମେତ ବହୁତ ଏଏସ ଆଇ କନେଷ୍ଟବଳ ହୋମଗାର୍ଡ ଉପସ୍ଥିତ ଥିଲେ । ତଥା ବଡଗଡ଼ ବନାଞ୍ଚଳ ଅଧିକାରୀ ଶ୍ରୀ ଅଂଜନ ନାୟକ ୭୬ତମ ଗଣତନ୍ତ୍ର ଦିବସରେ ପତାକା ଉତୋଳନ କଲେ । ସମସ୍ତ ବନାଧିକାରୀ ଓ ବନରକ୍ଷି ଉପସ୍ଥିତ ଥିଲେ । ସ୍ଥାନୀୟ ମା ସରସ୍ୱତୀ ବିଦ୍ୟାମନ୍ଦିରରେ ମହାସମାରୋହରେ ଉଛବ ପାଳନ କରାଗଲା ।

# ଖୁଣ୍ଟିଗୋରା ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ଶୁଭ ସ୍ତମ୍ଭ ସ୍ଥାପନ



**ବୌଦ୍ଧ,(ନି.ପ୍ର) :**ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନ ସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ସୋମବାର ଶୁଭ ସ୍ତମ୍ଭ ସ୍ଥାପନ ହୋଇଯାଇଛି । ସମାଜ ର ସଭାପତି ନାଗର ଚରଣ ସାହୁ ଙ୍କ ନେତୃତ୍ୱରେ ଏକ ଶୋଭା ଯାତ୍ରା ରେ ବାହାରି ଉଡ଼େର ଗାଁ ସୁନାଦେଇ ଜଙ୍ଗଲ ରୁ ପିଆଶାଳ ଗଛ ଆଣି ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରି ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଥିଲା । ଏଥିରେ ଦିଗାମ୍ବର ସାହୁ ଓ ଭୁଲେଶ୍ୱରୀ ସାହୁ କର୍ତ୍ତା ଦାଇତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଘଣ୍ଟ,ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନି ରେ ଖୁଣ୍ଟି ଗୋରା ଗ୍ରାମରେ ଏକ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା । ଏଥିରେ କେଦାର ସାହୁ, ଲମ୍ବଧର ବେହେରା, ସୁବୋଧ ସାହୁ, ସୁନିଲ ସାହୁ, ଟିଙ୍କୁ ବେହେରା, ଆଶିଷ ସାହୁ ଏବଂ ଶୌଣ୍ଡିକ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହ ଯୋଗ କରିଥିଲେ ।

# ଭାରତ ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବରେ ଉଭା ହୋଇଛି : ଉପ ମୁଖ୍ୟମନ୍ତ୍ରୀ

**ପୁରୀ,(ନି.ପ୍ର) :** ଆମ ଦେଶର ସମ୍ବିଧାନ ର ମୂଳ ମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା ।ଏଥିପାଇଁ ଭାରତ ସମଗ୍ର ବିଶ୍ୱ ରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହୋଇଛି ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମତବ୍ୟକ୍ତ କରିଛନ୍ତି ।ଆଜି ପୂର୍ବାହ୍ନରେ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଠାରେ ପୁରୀ ଜିଲ୍ଲା ସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ, ପାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ମାନଙ୍କ ପ୍ରତି ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇ ପାରିବ ବୋଲି କହିଥିଲେ ।ନୂତନ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରୁଛନ୍ତି ।ସରକାର ଗଠନ ହେବା ପରେ ପରେ ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବା ସହ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଛନ୍ତି । ସୁଭଦ୍ରା ଯୋଜନା ରେ ଏକ କୋଟି ମହିଳା ଙ୍କୁ ୪୦୦ କୋଟି ଟଙ୍କା ବିତରଣ କରାଯାଇଛି ଓ ଚଳିତ ମାର୍ଚ୍ଚ ସୁଦ୍ଧା ସମସ୍ତଙ୍କୁ ୨ ୟ ପର୍ଯ୍ୟାୟ ଅର୍ଥ ପ୍ରଦାନ କରାଯିବ । କୃଷକ ମାନଙ୍କୁ ଇନପୁଟ ସବସିଡ ହିସାବରେ କ୍ୟୁଣ୍ଟାଲ



ପିଛା ୮୦୦ ଟଙ୍କା ହିସାବରେ ପ୍ରାୟ ୨ ହଜାର କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାରେ ଛାତ ଉପରେ ସୋଲାର ପ୍ରୋଜେକ୍ଟ ପାଇଁ ଅତିରିକ୍ତ ୨୫ ହଜାର ଟଙ୍କା ଦେବାକୁ କ୍ୟାବିନେଟ ମଞ୍ଜୁର କରିଛନ୍ତି । ପ୍ରଥମ ଥର ପାଇଁ ଅଦିନିଆ ବର୍ଷା କୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରାଯାଇ ସହଯୋଗ ମିଳିଛି ।ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରେ ଭାରତ ର ୨୯ ହଜାରରୁ ଅଧିକ ହସପିଟାଲ ରେ କ୍ୟାସଲେସ ଚିକିତ୍ସା ର ସୁବିଧା କରାଯାଇଛି ।ସାମାଜିକ ସୁରକ୍ଷା ଯୋଜନା ରେ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦ ଭାଗରୁ ଅଧିକ ଥିବା ଭିନ୍ନକ୍ଷମ ଙ୍କୁ ସହାୟତା ରାଶି ୧୨୦୦ ରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟରେ ଜାତୀୟ ଶିକ୍ଷା ନିତି ଲାଗୁ କରାଯାଇଛି । ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ରେ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାର୍ଷିକ ୫ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି । ୧୮ ତମ ପ୍ରବାସୀ ଭାରତୀୟ ଦିବସ ସଫଳ ଭାବେ ରାଜ୍ୟ ଆୟୋଜନ କରିଛି । ଚଳିତ ମାସ ୨୮ ଓ ୨୯ ତାରିଖରେ ଓଡ଼ିଶାକୁ ଶିଳ୍ପର ହବ କରିବାକୁ ଉତ୍କର୍ଷ ଓଡ଼ିଶାର ଆୟୋଜନ କରାଯାଇଛି ବୋଲି ଶ୍ରୀ ସିଂହ ଦେଓ କହିବା ସହ ମିଳିମିଶି ଓଡ଼ିଶା କୁ ସର୍ବଶ୍ରେଷ୍ଠ ରାଜ୍ୟ ରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧୭ ଜଣ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉପ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ ।ସେହିପରି ପ୍ୟାରେଡ଼ ରେ ସିନିୟର ଡିଭିଜନ ଏନସିସିରେ ଏସ ସି ଏସ କଲେଜ, ଜୁନିୟର ଏନସିସିର ପୋଲିସ ହାଇସ୍କୁଲ ଓ ବିଶ୍ୱମ୍ଭର ବିଦ୍ୟାପୀଠ, ସ୍କାଉଟରେ ଭୋଲାନାଥ ବିଦ୍ୟାପୀଠ ଗାଇଡରେ ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ, ସିଭିଲିଆନରେ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଓ ବ୍ଲେସଡ ସାକ୍ରାମେଣ୍ଟ ହାଇସ୍କୁଲ ଓ ଶୃଙ୍ଖଳାରେ ସରକାରୀ ମହିଳା ମହାବିଦ୍ୟାଳୟ ଏନ ସି ସି ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା । ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ ।ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ ।

କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ସଭାପତି ସ୍ୱାପ୍ନାରାଣୀ ସ୍ୱାଇଁ,ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପ ଭାନୁ ମିଶ୍ର,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା ।ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ମାଫିଆମାନେ ପଥର ଗାଡ଼ି ଆନ୍ଧ୍ରକୁ ଲୁଟ୍ କରୁଛନ୍ତି

**ଚିକିଟି,(ନି.ପ୍ର) :** ଆମେ ମାନେ ସବୁବେଳେ ଦେଖି ଆସୁଛେ ଓଡିଶା ସରକାର ସାଧାରଣ ଜନତାଙ୍କ ପାଇଁ କିଛି ନାଁ କିଛି ଉର୍ନତି ମୂଳକ କାର୍ଯ୍ୟ କରି ଆସୁଛନ୍ତି, କିନ୍ତୁ ଆଜି ଯଦି ସାଧାରଣ ଜନତା ଉପରେ ଅସୁବିଧା ହେଲେ ଏଥିପ୍ରତି ଦାଇ କିଏ ରହିବ ? ଆମେ କହୁଛୁ ଏମିତି ଏକ ଘଟଣା ଯାହା ଶୁଣିଲେ ଆପଣଙ୍କ ପାଦ ତଳୁ ମାଟି ଖସି ଯାଇପାରେ । ଆମେ କହୁଛୁ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକରେ ରହିଥିବା କେରାଣ୍ଡି ମାଳ ପର୍ବତର କଥା ଏଠି କିଛି ଦିନ ହେବ ପଥର ମାଫିଆଙ୍କ ପାଦୁର୍ଭାବ ବଢ଼ି ଚାଲିଛି, ଏଠି ପ୍ରତିଦିନ ପଥର ବ୍ଲାଷ୍ଟ ହୋଇ ଶହ ଶହ ଗାଡି ପଥର ମନ ଇଛା ମାଫିଆ ମାନେ ଆନ୍ଧ୍ରକୁ ଲୁଟ୍ କରି ଚାଲିଛନ୍ତି, କି କଥାରେ ନାରଣ ଓଡିଶା



ପଥର ପୁଣି ଆନ୍ଧ୍ର ମୁହାଁ । କିନ୍ତୁ ପ୍ରଶାସନ କି ମାଇନ୍ସ ବିଭାଗ ଏକଦମ ନିଘୋଡ଼ ନିଦ୍ରାରେ ସୋଇ ଯାଇଛନ୍ତି । ଏହାର ପ୍ରତିକ୍ରିୟା ପାଇଁ ଚିକିଟି ପ୍ରଶାସନ କି ମାଇନ୍ସ ବିଭାଗ ଯୋଗାଯୋଗ କରିଥିଲେ ହେଁ ଏହାର ପ୍ରତିକ୍ରିୟା ମିଳିପାରି ନାହିଁ । କିନ୍ତୁ ଏହାର ଅନୁସନ୍ଧାନ ପାଇଁ ଚିକିଟି ମାଟିର ବିରୋଧି ଦଳ ନେତା ରାଜକୁମାର ଶ୍ରୀ ରୂପଦେଓଙ୍କୁ ସାକ୍ଷାତ କରିଥିଲେ ହେଁ ସେ କହିଛନ୍ତି ଏହା କେବଳ ଚିକିଟି (ଏମଏଲେ) ଙ୍କ ଇଙ୍ଗିତ ରେ ହିଁ ହେଉଥିବା ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି । କିନ୍ତୁ ବଡ଼ ଦୁଃଖର ବିଷୟ ବର୍ତମାନ ଗଞ୍ଜାମ ଜିଲ୍ଲା ର ପ୍ରସିଦ୍ଧ ମା ବାଳକୁମାରୀ ଙ୍କ ପିଠ ରେ ପ୍ରତିଷ୍ଠା ଉଛବ ମୁଖରେ ଏଥିରେ ଲକ୍ଷ୍ୟ ଲକ୍ଷ୍ୟ ଶ୍ରଦ୍ଧାଳୁ ଙ୍କ ସୁଅ ଛୁଟୁଛି ଯଦି ସାଧାରଣ ଲୋକଙ୍କ କିଛି ଅଘଟଣ ଘଟିଲେ ଏଥିରେ କଣ ଚିକିଟି ପ୍ରଶାସନ ଦାଇ ରହିବେ କି ? ନାଁ କଣ ଓଡିଶା ସରକାର ଦାୟୀ ରହିବେ ? ନାଁ ସ୍ଥାନୀୟ Answer ମହୋଦୟ ଦାଇ ରହିବେ କି ବୋଲି ସୂଚନା ଦେଇଛନ୍ତି । ହେଲେ କଥା ଉଠୁଛି ଯେ ବିନା ଲାଇସେନ୍ସ ରେ ପଥର କ୍ୱାରୀ କେମିତି ଚାଲିଛି ? ପୁଣି କାହା ପାୱାର ରେ ମାଫିଆ ମାନେ ଯେମିତି ନିର୍ମୁଳି ଗଛ କୁ ସଫା କରୁଛି ସେମିତି ପୁରା ପାହାଡ଼ କୁ ସଫା କରି ଚାଲିଛନ୍ତି ? ଓଡିଶା ର ପଥର ଆନ୍ଧ୍ର କୁ ଚାଲାଣ ହେଉଛି ଏହା ପଛରେ ସମ୍ପୂର୍ଣ ଦାଇ କିଏ ? ଏହାକୁ ତୀବ୍ର ନିନ୍ଧା କରିଛନ୍ତି ବିରୋଧି ଦଳ ନେତା ଶ୍ରିରୁପ୍ ଦେବ,ଓ ଏହାର ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ରଖିଛନ୍ତି !

# କଣ୍ଟ୍ରାକ୍ଟରଙ୍କ ମନମୁଖି, ପିଡବ୍ଲୁ ଡ଼ି ରୋଡ଼ ସମ୍ପୂର୍ଣ ନିମ୍ନମାନର

**ଚିକିଟ,(ନି.ପ୍ର) :** ସରକାର କି ମାଲ ଦରିଆ ମେ ଡାଲ କି କଥାରେ ନାରଣ ସତେ ଯେମିତି କଣ୍ଟ୍ରାକ୍ଟର ଙ୍କ ଗଡ଼ ଫାଦେର ବୋଧେ ସରକାର । ଆମେ କହୁଛୁ ଗଞ୍ଜାମ ଜିଲ୍ଲାର ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଲବେଣ୍ଟା ପଞ୍ଚାୟତ ର ବୀରମେଖପୁର ଠାରୁ ବୀର ନରସିଂହପୁର ପର୍ଯ୍ୟନ୍ତ ହେଉଥିବା ପୀଡବ୍ଲୁଡ଼ି ରାସ୍ତା ର କଥା , ଏହା ସମ୍ପୂର୍ଣ ନିମ୍ନ ମାନର ହେଉଥିବା ସାଧାରଣ ରେ ଚର୍ଚ୍ଚା ଦେଖିବାକୁ ମିଳୁଛି । କିନ୍ତୁ କଣ ହେବ କଣ୍ଟ୍ରାକ୍ଟର ଏତେ ନିମ୍ନ ମାନର କାର୍ଯ୍ୟ କରି ମଧ ଏହାକୁ ତଦାରଖ କରିବାକୁ ମଧ୍ୟ ଅଫିସରଙ୍କ ଦେଖା ଟିକେ କମ ମିଳେ ସେଥିପାଇଁ ବୋଧେ କଣ୍ଟ୍ରାକ୍ଟର ଏହି ସାଇଡ ୱାଲ, କଲଭଟ, ଓ ରୋଡ଼ କାମକୁ ସମ୍ପୂର୍ଣ ନିମ୍ନ ମାନର କରି ସଙ୍ଗେ ସଙ୍ଗେ ମାଟି ପକେଇ ଧୂଳି ମୁଣ୍ଡରୁ ବାହାର ଭଳି



ମାଲା ମାଲ ହେଇ ଚାଲିଛନ୍ତି ଓ ସରକାର ଙ୍କ କୋଟି କୋଟି ଟଙ୍କା ସମୁଦ୍ର ରେ ପଡିଲା ଭଳି ଟଙ୍କା କୁ ଲୁଟି ଚାଲିଛନ୍ତି ଏହି ପରି କଣ୍ଟ୍ରାକ୍ଟର । ନାଁ ଅଛି ସୂଚନା ଫଳକ ନାଁ ଅଛି ତଦାରଖ ଏହାର ସତ୍ୟା ସତ୍ୟ ପାଇଁ ଅଧିକାରୀ ଓ କଣ୍ଟ୍ରାକ୍ଟର ଙ୍କୁ ଯୋଗାଯୋଗ କରିଥିଲେ ହେଁ ଏହାର କିଛି ପ୍ରତିକ୍ରିୟା ମିଳିପାରି ନାହିଁ । ଏଣୁ ଏହି ରୋଡ଼ ଟି ପ୍ରତି ବର୍ଷା ଦିନ ଆସିଲେ କେତେଥର ରୋଡ଼ ହୋଇ କଣ୍ଟ୍ରାକ୍ଟର ମାନେ ନିମ୍ନ ମାନର କାମ କରି ଟଙ୍କା କୁ ଖାଇ ଯାଇଛନ୍ତି ଏହିଭଳି କଣ୍ଟ୍ରାକ୍ଟର ମାନେ ବୋଲି ଅଞ୍ଚଳ ରେ ଚର୍ଚ୍ଚା ହେଉଛି । ବର୍ତମାନ ମଧ ଏହି ରୋଡ଼ ଟି ଏମିତି ହିଁ ନଷ୍ଟ ହେବ ଯେହେତୁ ଏହା ସମ୍ପୂର୍ଣ ନିମ୍ନ ମାନର ଏହାର କ୍ୱାଲିଟି ଟେଷ୍ଟ କରାଯାଉ ଏହା କେତେ ନିମ୍ନ ମାନର ହୋଇଛି ଜଣା ପଡିବ ବୋଲି ସାଧାରଣ ମହଲ ରେ ଚର୍ଚ୍ଚା ଜୋର ହେଉଛି, । ଦେଖିବାକୁ ରହିଲା ଏହାର ତଦନ୍ତ ହେବ ନାଁ ନିମ୍ନ ମାନର କାର୍ଯ୍ୟ କରୁଥିବା କଣ୍ଟ୍ରାକ୍ଟର ମାନେ ସରକାରୀ ଟଙ୍କାରେ ମାଲା ମାଲ ହେଉଛନ୍ତି ।

# ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

## ହାତୀ ଆକ୍ରମଣରେ ମୃତ ସନ୍ଦେହ



**ରାସଗୋବିନ୍ଦପୁର,(ନି.ପ୍ର) :** ବ୍ଲକ ନଳଗଜା ପଞ୍ଚାୟତ ଅନ୍ତରର୍ଗତ ମହୁଲିଆ ଗ୍ରାମର ମହେଶ୍ୱର ପାତ୍ରଙ୍କ ପୁଅ ଭରତ ଚନ୍ଦ୍ର ପାତ୍ର ଅନୁମାନ (୫୮) ବର୍ଷଙ୍କ ମୃତଦେହ ମହୁଲିଆ ଜଙ୍ଗଲରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ ଆଜି ସକାଳ ପ୍ରାୟ ୬ଟା ସମୟରେ ମହୁଲିଆ ଗଜସାଥି ରଘୁନାଥ ହେମ୍ବ୍ରମ ମହୁଲିଆ ଜଙ୍ଗଲରେ ହାତୀ ଘୋଉଡାଉଥିବା ସମୟରେ ଭରତଙ୍କୁ ମୃତ ଅବସ୍ଥାରେ ଜଙ୍ଗଲରେ ପଡିରହିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀ ମୃତଦେହକୁ ଦେଖି ହାତୀ ଆକ୍ରମଣରେ ଭରତଙ୍କ ମୃତ ହୋଇଥିବା ନେଇ ସନ୍ଦେହ କରିଥିଲେ । ପରେ ଖବର ପାଇ ଘଟଣାସ୍ଥଳକୁ ଫରେଷ୍ଟର ଏବଂ ପୋଲିସ ପହଞ୍ଚି ଶବଟିକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣା ପଡିଛି ।ପ୍ରକାଶ ଥାଉକି ଗତ କିଛି ଦିନ ପୂର୍ବରୁ ଭରତ ନିଖୋଜ ଥିଲେ ।ପରିବାର ବର୍ଗଙ୍କ ବୋହୁ ଖୋଜାଖୋଜି ପରେ ମଧ ପାଇ ପାରିନଥିଲେ ।

# ଫ୍ରେଣ୍ଡସ୍ ସ୍ପୋର୍ଟ୍ସ କ୍ଲବ ରାଜସୁନାଖଳାରେ ୭୬ତମ ସାଧାରଣତନ୍ତ୍ର ଦିବସ

**ରଣପୁର,(ନି.ପ୍ର) :** ସାରା ଦେଶରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହେଉଥିବା ବେଳେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ୍ ଆନୁକୁଲ୍ୟରେ ସଧାରଣତନ୍ତ୍ର ଦିବସ ରାଜସୁନାଖଳା ପୋଡାସ୍କୁଲ ପଡିଆରେ ପାଳିତ ହୋଇଯାଇଛି । ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବର ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଏଥି ସହ, ସମ୍ପାଦକ ମିର୍ଜା ଫକୀର ଉଦିନ ବେଗ, ସାହସମ୍ପାଦକ ସମ୍ବିତ କୁମାର ସାହୁ, ଉପସଭାପତି ବଳଭ କୁମାର ପ୍ରଧାନ, କୋଷାଧକ୍ଷ ଜଗନ କୁମାର ନାୟକ, ଅଥିତୀ ରୂପେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇଥିଲେ !ଜାତୀୟ ସଙ୍ଗୀତ




ଗାନ କରାଯାଇ ଥିଲା । ଭାରତ ମାତା କି ଜୟ ଧ୍ୱନିରେ ଚତୁର ଦିଗ ପ୍ରକମ୍ପିତ ହୋଇ ଉଠିଥିଲା । ଅତିଥିଙ୍କୁ ପାଛୋଟି ନେବା ପାଇଁ ମାସ୍ ପ୍ୟାରେଡର ସୁବ୍ୟବସ୍ଥା କରାଯାଇ ଥିଲା । ଏହି ପ୍ୟାରେଡରେ ୨୬ ଗୋଟି ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ସ୍କାଉଟ ଗ୍ରୁପର କଉଁରିପାଟଣା ୟୁ.ଜି.ଏ. ମି ସ୍କୁଲ, ପ୍ରଥମ ସ୍ଥାନ ପୁରସ୍କୃତ ହୋଇଥିବା ବେଳେ ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ରାଜସୁନାଖଳାର ୮୨ ଜଣ ସମସ୍ତ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

Photo News Times
Visit us in www.photonewstimes.com

# ମହିଳା କଲେଜରେ ୭୬ତମ ସାଧାରଣତନ୍ତ୍ର ପାଳିତ



**ବୁଗୁଡ଼ା,(ନି.ପ୍ର) :** ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଠାରେ ଆଜି ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରିଥିବା ବେଳେ ବୁଗୁଡ଼ା ଚ୍ୟାମ୍ବର ଅଫ୍ କମର୍ସ ର ସଭାପତି ତଥା ସମାଜ ସେବକ ସତ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ୨୦୨୪ ମସିହାରେ ଶ୍ରୀ ବଳଦେବଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ ବାର୍ଷିକ ପରୀକ୍ଷାରେ ସର୍ବାଧିକ ୪୯୫ ନମ୍ବର ରଖି ପ୍ରଥମ ତଥା ବ୍ଲକ୍ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନୁଷ୍ଠାନ ର ଛାତ୍ରୀ ସୁଶ୍ରୀ ମୀରାବାଇ ପାତ୍ରଙ୍କୁ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ସଭାପତି ସତ୍ୟନାରାୟଣ ଦାଶ ସମ୍ମାନପତ୍ର ଉପଢ଼ୌକନ ଓ ଟ୍ରଫି ପ୍ରଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଛାତ୍ରୀ ମାନଙ୍କୁ ପ୍ୟାରେଡ୍ ଅନୁଷ୍ଠିତ କରାଇଥିଲେ । ବରିଷ୍ଠ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ତାହାଙ୍କ ବକ୍ତବ୍ୟ ରେ ସାଧାରଣତନ୍ତ୍ର ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ନିଜ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ଅନିଲ କୁମାର ପାଣିଗ୍ରାହୀ ଭାରତୀୟ ସମ୍ବିଧାନ ସମ୍ପର୍କରେ ନିଜ ବକ୍ତବ୍ୟ ପ୍ରଦାନ କରିଥଲେ।ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ ପରିଶେଷରେ ସନ୍ତୋଷ କୁମାର ଗ୍ରୌଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆୟୁଷ ଯୁକ୍ତ ତିନି ମହାବିଦ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ

**ରାୟଗଡା,(ନି.ପ୍ର) :** ଜିଲ୍ଲା ରାମନାଗୁଡା ବ୍ଲକ୍ ଅନ୍ତର୍ଗତ ଆୟୁଷ ଯୁକ୍ତ ତିନି ମହାବିଦ୍ୟାଳୟ ରେ ୭୬ ତମ ସାଧାରଣତନ୍ତ୍ର ଦିବସ ମହା ଆଡମ୍ବର ସହକାରେ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଟି ମହାବିଦ୍ୟାଳୟ ସମ୍ପାଦକ ଶ୍ରୀଯୁକ୍ତ ଉଦୟ ଚନ୍ଦ୍ର ଚୌଧୁରୀ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ମୁଖ୍ୟ ଅତିଥି, ସମ୍ପାଦକ ଉଦୟ ଚନ୍ଦ୍ର ଚୌଧୁରୀ, ଅଧକ୍ଷ ରବି ଭୂୟାଁ, ରାଜନୀତି ବିଜ୍ଞାନ ବିଭାଗର ଅଧାପିକା ସଂଗୀତା ପାଢ଼ି, ଓଡ଼ିଆ ବିଭାଗର ଅଧାପିକା ପିଙ୍କି ଗୌଡ, ଶିକ୍ଷା ବିଭାଗର ଅଧାପିକା ଜ୍ୟୋତିର୍ମୟୀ ରାଉତ, ଇତିହାସ ବିଭାଗର ଅଧାପିକା ସସ୍ମିତା ଚମ୍ପାଫୁଲ, ସମତେ ଶତାଧିକ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ। ସମ୍ପାଦକ ମହୋଦୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏବଂ ନିଜର ବକ୍ତବ୍ୟ ମାଧ୍ୟମରେ ସାଧାରଣତନ୍ତ୍ର ଦିବସ ପାଳନ ର ଗୁରୁତ୍ୱ ସମ୍ପର୍କରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଅଧକ୍ଷ ରବି ଭୂୟାଁ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବେ




ଛାତ୍ରଛାତ୍ରୀ ମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହାବ୍ୟତୀତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଗଣ ନିଜର ମନ୍ତବ୍ୟ ମାଧ୍ୟମରେ ସମ୍ବିଧାନ ର ବୈଶିଷ୍ଟ୍ୟ ଓ ନୀତି ନିୟମ ସମ୍ପର୍କରେ ସଚେତନ କରାଇବା ସହ ଦେଶକୁ ବିକଶିତ ରାଷ୍ଟ୍ର ଭାବରେ ତୋଳିବା ପାଇଁ ଶପଥ ପାଠ କରାଇଥିଲେ। ଏବଂ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ମିଷ୍ଟାନ୍ ବଣ୍ଟନ କରାଯାଇଥିଲା। ପରିଶେଷରେ ଉକ୍ତ କାର୍ଯ୍ୟକ୍ରମ ଟି ସଫଳ ସହ କାର୍ଯ୍ୟକାରୀ ହୋଇଥିବା ଯୋଗୁଁ ଇତିହାସ ବିଭାଗର ଅଧ୍ୟାପିକା ସସ୍ମିତା ଚମ୍ପାଫୁଲ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରିସମାପ୍ତି କରିଥିଲେ।

# ରାଜ୍ୟସ୍ତରୀୟ ମା' ବାହୁତୀ ଭଲି ବଲ୍ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଟାଇଗର

**ଖଲ୍ଲିକୋଟ,(ନି.ପ୍ର) :** ଖଲ୍ଲିକୋଟର ରାଜପ୍ରସାଦରେ ଚାଲିଥିବା, ମା ବାହୁତୀ ରାଜ୍ୟ ସ୍ତରୀୟ ଭଲି ବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଉଦ୍ ଯାପନ ଦିବସ । ଆଉ ଲଢ଼େଇ ଚାଲିଛି, କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ସହିତ ଗୁମ୍ମା । ଆଜିର ଏ ଖେଳରେ ମାରି ନେଲେ ଦାରିଙ୍ଗବାଡି ଖେଳାଳି । ତଥାପି ଗୁମ୍ମା ଖେଳାଳି ଙ୍କ ଅପୂର୍ବ ଖେଳ ପ୍ରଦର୍ଶନ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏଅବସରରେ ଯୋଗଦେଇଥିଲେ, ଗଞ୍ଜାମ ଜିଲ୍ଲା ର ସାନଖେମୁଣ୍ଡି କଂଗ୍ରେସ ବିଧାୟକ,ତଥା ବାଣାୟତ ଓଡ଼ିଆର ଗର୍ବ ଗୌରବ ଶ୍ରୀ ଯୁକ୍ତ ରମେଶ ଜେନା ମଞ୍ଚାସିନ ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଥିଲେ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜେପି ଆସ୍କା ଲୋକ ସଭା ସଂଯୋଜକ ଯଜ୍ଞ ନାରାୟଣ ଦାସ, ଲିଟୁ ଖୁଣ୍ଟିଆ, ସନ୍ତୋଷ କୁମାର ଗ ଉଡ, ବିପିନ୍ ବିହାରୀ ସାମନ୍ତ । ମୁଖ୍ୟ ଆକର୍ଷକ ଦାରିଙ୍ଗବାଡି ର ଖେଳାଳି ମାନେ ହେଲେ ଦୀପୁ, ଭବାନୀ, ଟିଙ୍ଗିରି, କଟିଙ୍ଗି କାଲୁ, ଧଡଙ୍ଗ୍ କ୍ୟାପଟେନ ରୂପକ, ବିଚିତ୍ର, ଥିବା ବେଳେ ଗୁମ୍ମା ର ଖେଳାଳି ମାନେ ଥିଲେ କ୍ୟାପଟେନ ବାଦଲ,ଉଜ୍ୱଳ, ସମସଙ୍ଗ, ଆନକାଣ୍ଡା, ରୂପ, ଭରତ, ସୁମିତ୍, ଓ ମନୋଜ ବୋଲି ଜଣାପଡିଛି ଖେଳରେ ବିଜୟ ହାସଲ କରି ଥିବା ଦାରିଙ୍ଗବାଡି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ। ଆଙ୍କରିଙ୍ଗ କରିଥିଲେ ଆମ୍ବପୁଆର ମଣ୍ଟୁ ଓ ରେଫେରିଙ୍ଗ କରି ଥିଲେ ସାତ ଦିନବ୍ୟାପୀ ଗୋବିନ୍ଦ ନାୟକ । ମା ବାହୁତୀ ଠାକୁରାଣୀ ଙ୍କ ଅଶେଷ କରୁଣାରୁ ତଥା ଖଲ୍ଲିକୋଟ ର ଜଳଧାରଣ ଙ୍କ ସହଯୋଗରେ ରାଜ୍ୟ ସ୍ତରୀୟ ମା ବାହୁତୀ ଭଲି ବଲ ଟୁର୍ଣ୍ଣାମେଣ୍ଟର ସମାପନ ହୋଇଥିଲା ।

# ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ରାଜଗାଙ୍ଗପୁର,(ନି.ପ୍ର) :** ୭୬ ତମ ଗଣତନ୍ତ୍ର ଦିବସ ଉପଲକ୍ଷେ ରାଜଗାଙ୍ଗପୁର ପୌରପାଳିକା ପକ୍ଷରୁ ସହରରେ ଥିବା ସମସ୍ତ ବରପୁତ୍ର ସ୍ୱାଧିନତା ସଂଗ୍ରାମୀ ଓ ବୀର ଶହୀଦ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ଏହି ଅବସରରେ ସୁବାଷ ଛକ ଠାରେ ସୁବାଷ ବୋଷ, ବିଜୁପଟ୍ଟନାୟକ ଛକ ଠାରେ ବିଜୁବାବୁ, ରାଣିବନ୍ଦ ବିର୍ସା ମୁଣ୍ଡା ଛକରେ ବୀର ବିର୍ସା



ମୁଣ୍ଡା,ଓସିଏଲ କଲୋନୀ ଉତ୍କଳମଣି ଗୋପବନ୍ଧୁ ଦାସ, ଲିପଲୋଇ ସ୍ଥିତ ଶହୀଦ ପ୍ରଦିପ ପଣ୍ଡା ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକା ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁନ ଉପାଧକ୍ଷ ଏମଡି ଇରଫାନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭିକ୍ଟୋର ସୋରେଙ୍ଗ କାଉନସିଲର ସୁସ୍ମିତା ଟିଡୁ,ସିମରନ ତନ୍ତି,କୈସର୍ ପରବିନ, କୋଶଳ ସିଂ, ଗୋବର୍ଦ୍ଧନ ତନ୍ତୀ ଙ୍କ ଉପସ୍ଥିତି ରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାଟଣା ପ୍ରେସ କ୍ଲବରେ ୭୬ତମ ସାଧାରଣ ତନ୍ତ୍ର ଦିବସ

**ପାଟଣା,(ନି.ପ୍ର) :** ସାରା ଭାରତ ଆଜି ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ପାଟଣା ପ୍ରେସ କ୍ଲବ ତରଫରୁ ମଧ୍ୟ ସାଧାରଣ ତନ୍ତ୍ର ଦିବସ ଧୁମଧାମରେ ପାଳନ କରାଯାଇଛି ।ପ୍ରେସ କ୍ଲବ ର ସଭାପତି କିଶୋର ଚନ୍ଦ୍ର ମହାନ୍ତ ଓ ସମ୍ପାଦକ ବିଜୟ ରତ୍ନ ପତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ସାଧାରଣ ତନ୍ତ୍ର ଦିବସ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁ ଭୁୟସୀ ପ୍ରଶଂସା କରିଥିଲେ ।ସାଧାରଣ ଜନତା ମୌଳିକ ସୁବିଧା ରୁ ବଞ୍ଚିତ ନହୁଅନ୍ତୁ ସେଥିପ୍ରତି ଗଣମାଧ୍ୟମର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ।କାର୍ଯ୍ୟକ୍ରମ ରେ ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ବିଡ଼ିଓ ମାନସ କୁମାର ଦଣ୍ଡପାଟ, ପାଟଣା ଥାନା ଅଧିକାରୀ ମାନସ ରଞ୍ଜନ ମହାକୁଲ, ରେଞ୍ଜର ବନବିହାରୀ ସର୍ଦ୍ଦାର, କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି କ୍ଷେତ୍ରବାସୀ ମହାକୁଡ଼,ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ଗୌର ମୋହନ ହେମ୍ବ୍ରମ,ବଡପାଟଣା ସରପଞ୍ଚ ବିନତି ବାନାରା,ଡ୍ରାଇଭର ମହାସଂଘର ସଭାପତି ସଞ୍ଜୟ ଭୂମିଜ,ଭରସା ପରିବାର ସଭାପତି ଲମ୍ବୋଦର ମହାନ୍ତ, ବିଜେପି ବରିଷ୍ଠ ନେତା କମଳା କାନ୍ତ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ସମାଜ ସେବୀ ଅଜୟ କୁମାର ଦାଶ, ଜତୀନ୍ଦ୍ର ନାଥ ଦାଶ, ତୁଷାର କାନ୍ତି ତ୍ରିପାଠୀ,ଲକ୍ଷ୍ମଣ ଦାଶ, ନାରାୟଣ ବାରିକ,ଭରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ପାଟଣା ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଅଟଳ ସେନା ଚିନ୍ତନ ପରିଷଦ ଉପାଧକ୍ଷଙ୍କ ଶ୍ରଦ୍ଧାଞ୍ଜଳୀ ସଭା

**ନନ୍ଦପୁର,(ନି.ପ୍ର) :** କୋରାପୁଟ ଜିଲ୍ଲା ଅଟଳ ସେନା ଚିନ୍ତନ ପରିଷଦ ଉପାଧକ୍ଷ ସ୍ୱର୍ଗତ ବୈକୁଣ୍ଠ ଚୌଧୁରୀ ଙ୍କ ଏକାଦଶ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠତ ହୋଇ ଯାଇଛି । ଅବସର ପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ଅନୁଷ୍ଠିତ ନନ୍ଦପୁର ସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କ ପରିସର ରେ ସ୍ୱର୍ଗତ ଚୌଧୁରୀ ଙ୍କ ଏକାଦଶ ଶ୍ରଦ୍ଧାଞ୍ଜଳୀ ସଭା ରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ରାଜା କାର୍ଯ୍ୟକାରୀ ସଭାପତି ଡାକ୍ତର ଜ୍ଞାନରଞ୍ଜନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେଶ କୁମାର ରାୟ ରାଜ୍ୟ ଉପଦେଷ୍ଟା ପ୍ରଫେସର ଅକ୍ଷୟ କୁମାର ଭୋଲ, ଜିଲ୍ଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, କବି ବିଚିତ୍ରାନନ୍ଦ ପଣ୍ଡା, ରାଜ୍ୟଉପଦେଷ୍ଟା ସଦସ୍ୟ ବିରଜା ଶଙ୍କର ବେହେରା ସେକ



ଗଫୁର ,ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଜି ପି ଓ ବେଦାନ୍ତ କୁମାର ମାଝୀ, ନନ୍ଦପୁର ପୂର୍ବତନ ସରପଂଚ ଜଗନ୍ନାଥ ପାଙ୍ଗି, ସାଂସଦ ପ୍ରତିନିଧି ଗୋପାଳ ମା ଟା ମା, ସ୍ୱଂୟ ସହାୟକ ଖଣ୍ଡ ପ୍ରଚାରକ ଏ ନ ପ୍ରସାଦ ଦାସ, ୟେସ କ୍ଲବ୍ ସଭାପତି କେଶବ ଚୌଧୁରୀ, ଲଇଛନ ଖରା,ଏ ନ ମୀନା ରାଓ ପ୍ରମୁଖ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ଆତ୍ମା ର ଶାନ୍ତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ଚୌଧୁରୀ ଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେ ସୂର୍ଯ୍ୟ ନାରାୟଣ ଖେମୁଣ୍ଡୁ , ଜ୍ଞାନେଶ୍ୱର୍ ରାଓ , ସୁନିଲ କୁମାର ସାହୁ, ମୁନା ଦଳପତି, ସାମ୍ବାଦିକ ସୁନୀଲ କୁମାର ସାହୁ, ଦୁର୍ଗା ପ୍ରସାଦ ପା ଢ଼ି ସମେତ ଅଞ୍ଚଳ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଥିଲେ । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଅଟଳ ସେନା ସଂଗଠନ ସମ୍ପାଦକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମ୍ବାଦିକ ତୁଷାର କାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ

**କୋଇଡା,(ନି.ପ୍ର) :** କୋଇଡା ଥାନା ଅନ୍ତର୍ଗତ କାଶିରା କଳମଙ୍ଗ ରାସ୍ତା ନିକଟବର୍ତ୍ତୀ ଜଙ୍ଗଲ ନିକଟରୁ ଲିପି ସିଂ ବୟସ ୧୭ ବର୍ଷ ନାମକ ଯୁବତୀ ଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି ଓ ମିଳିଥିବା ସୂଚନା ଅନୁଯାଇ କାଶିରା ଗ୍ରାମ ର ସାଧୁ ସିଂ ଙ୍କ ୧୭ ବର୍ଷ ବୟସ୍କା ଝିଅ ଗତକାଲି ସନ୍ଧ୍ୟା ବେଳେ ଘରୁ ବାହାର କୁ ଯାଇ ଆଉ ଘରକୁ ନ



ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି କୌଣସି ଖୋଜ ଖବର ପାଇନଥିଲେ ଓ ଆଜି ସକାଳୁ କୌଣସି ସୂତ୍ରରୁ ଖବର ପାଇ ଝିଅ ର ମୃତଦେହ ନିକଟସ୍ଥ ଜଙ୍ଗଲ ରେ ଝୁଲୁ ଥିବା ଦେଖିବାକୁ ପାଇଥିଲେ ଓ ଘଟଣା ସମ୍ପର୍କ ରେ ଖବର ପାଇ କୋଇଡା ପୋଲିସ ଘଟଣା ସ୍ଥଳରେ ପହଂଚିଥିଲା ଓ ସାଇଣ୍ଟିଫିକ ଟିମ ଆସି ଘଟଣାର ତଦନ୍ତ ଜାରିରଖିଛନ୍ତି ।

# ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର କବିତା ଆସର



**ଦଶପଲ୍ଲା,(ନି.ପ୍ର) :** ପବିତ୍ର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ଦଶପଲ୍ଲା ପକ୍ଷରୁ ସ୍ଥିର ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା, ସ୍ଥାନୀୟ ରାଧାମୋହନ ଜୀୟୁ ହାଇସ୍କୁଲ ପରିସରରେ ଆୟୋଜିତ କବିତା ଆସରରେ ଅନୁଷ୍ଠାନ ର ନୂତନ ସଭାପତି ପ୍ରଶନ୍ନ କୁମାର ଶତପଥିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ ଯୋଗଦାନ କରି ବୃକ୍ଷ ରୋପଣ , ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ, ଅନୁଷ୍ଠାନ ର ଉପସଭାପତି ପ୍ରାଣକୃଷ୍ଣ ବେହେରା ମଂଚାସୀନ ଥିଲେ, ଆୟୋଜିତ କବିତା ଆସରରେ ମହେଶ୍ୱର ବେହେରା, ମୁରଲୀଧର ମହାରଣା,ସରୋଜ କୁମାର ପଣ୍ଡା,ଗଙ୍ଗାଧର ପ୍ରଧାନ, ରବିନ୍ଦ୍ର ନାଥ ମିଶ୍ର, ବିରଂଚି ନାରାୟଣ କର,ବରୁଣ କୁମାର ସାହୁ, ବନମାଳୀ ପରିଡା, କିଶୋର ଚନ୍ଦ୍ର ଦଲ୍ୱେହେରା, ସୁରେନ୍ଦ୍ର କୁମାର ମିଶ୍ର,ଅରୁଣ ଡାକୁଆ ଏବଂ ଆଲୋକ ବେହେରା ପ୍ରମୁଖ ଯୋଗଦାନ କରି କବିତା ପାଠ କରିଥିଲେ, ପରିଶେଷରେ ଅନୁଷ୍ଠାନ ର ସଂପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ ହେଲେ ୨ଯୁବ ସମାଜସେବୀ

**ପାଟଣା,(ନି.ପ୍ର) :** ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ ହେଲେ ସମାଜ ସେବୀ ବିଜୟ ରତ୍ନ ପତି ଏବଂ ସବୀର କୁମାର ଦାଶ ।ମହାମାରୀ କରନା



ସମୟରେ ବିଶ୍ୱରେ ଆତଙ୍କ ଖେଳି ଯାଇଥିବା ବେଳେ ଲକଡାଉନ ଓ ସଟଡାଉନ ଲାଗୁ ହୋଇଥିଲା ।ଏହି ସମୟରେ ଲୋକେ ଘରୁ ବାହାରି ପାରୁ ନଥିଲେ। ବହୁତ ଦୁଃଖ ଦୁର୍ଦ୍ଦଶା ରେ ଲୋକେ କାଳାତିପାତ କରୁଥିଲେ ।ଏହି ବିପତ୍ତି ସମୟରେ ପାଟଣା ଅଂଚଳର ଯୁବ ସମାଜସେବୀ ବିଜୟ ରତ୍ନ ପତି ଓ ସବୀର କୁମାର ଦାଶ ଲୋକଙ୍କ ନିକଟରେ ପହଞ୍ଚି ଅନ୍ନ,ପାଣି ବସ୍ତ୍ର ଆଦି ମାଗଣାରେ ଯୋଗାଇ ଥିଲେ ।ତାଙ୍କର ଏହି ସେବା ପାଇଁ ଅନେକ ଲୋକ ତାଙ୍କୁ ଶୁଭେଚ୍ଛା ଦେଇଥିଲେ। ଏବେ ମଧ୍ୟ ଏହି ଦୁଇ ଯୁବ ସମାଜସେବୀ ସମାଜ ର ବିଭିନ୍ନ ସେବାରେ ନିୟୋଜିତ ଅଛନ୍ତି ।ତାଙ୍କର ଏହି ନିଃସ୍ୱାର୍ଥପର ସେବା ପାଇଁ ପାଟଣା ମୁଖ୍ୟାଳୟ ଠାରେ ଅନୁଷ୍ଠିତ ୭୬ ତମ ସାଧାରଣ ତନ୍ତ୍ର ଦିବସରେ ତାଙ୍କୁ ସମ୍ମାନୀତ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଏହି ଯୁବ ସମାଜସେବୀ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନାରାୟଣନଗର ଯୁଗ୍ମ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୌଦ୍ଧ,(ନି.ପ୍ର) :** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣ ନଗର ଠାରେ ନିର୍ମାତ ହୋଇଥିବା ଭବ୍ୟ ଯୁଗ୍ମ ମନ୍ଦିର ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ପ୍ରତିଷ୍ଠା ଦିବସର ଚତୁର୍ଥ ଦିବସରେ କୃଷ୍ଣ ଜନ୍ମ ଓ ପୁତନା କୁ ଗୋପପୁର ପ୍ରେରଣ ମଞ୍ଚସ୍ଥ ହୋଇଛି । ନାରାୟଣ ନଗର ପାଲଟିଛି ମଥୁରା ନଗରୀ। ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବକୀ ଓ ବାସୁଦେବଙ୍କ ଏକ ପୁତ୍ର ବନ୍ଦୀସାଳରେ ଜନ୍ମ ହୋଇଥିଲା । ବାସୁଦେବ ଶିଶୁ ପୁତ୍ରକୁ ମଥୁରା ରୁ ଗୋପପୁର ନେଇ ସେଠାରେ ଜନ୍ମିଥିବା କନ୍ୟାରତ୍ନକୁ ପାଲଟାଇ ଆଣିଥିଲେ । ଏହି କନ୍ୟାକୁ ଦର୍ପଣ ଶୀଳରେ କଂସ କଚାଡି ମାରିଥିଲା । ହେଲେ ଶୂନ୍ୟ ବାଣୀ ହେଲା 'କଂସ ତୋତେ ବଧିବ ଯିଏ, ଗୋପରେ ବଢୁଛି ସିଏ । ଅଷ୍ଟବର୍ଷେ ବିନସିବ ଆସି ମଥୁରାରେ । ସେହିପରି



ସୋମବାର ଗୋପପୁରରେ କୃଷ୍ଣ ବଳରାମଙ୍କ ନାମକରଣ, ମହର୍ଷି ନାରଦଙ୍କ ପରାମର୍ଶ କ୍ରମେ ପୁତୁନାଙ୍କ ଆମନ୍ତ୍ରଣ, ଭାଦ୍ରବ କୃଷ୍ଣପକ୍ଷରେ ଅଷ୍ଟମୀ ତିଥିରେ ଜନ୍ମିଥିବା ଗୋପାଳ ଙ୍କୁ ହତ୍ୟା କରିବା ପାଇଁ ତାର ସ୍ତନ ଯୁଗଳ ରେ ଉକ୍ଟ ବିଷ ଭରି ମଥୁରା ରୁ ଗୋପପୁର ପ୍ରେରଣ ମଞ୍ଚସ୍ଥ ହୋଇଥିଲା । ଏହାପରେ ଓଡିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ, ଯଜ୍ଞକ୍ଷପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର, କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଶୁ ମନ୍ଦିର, ଜଗତି ହାଇସ୍କୁଲ ଛାତ୍ରଛାତ୍ରୀ ଓ ଅନ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା ।

# ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

**ଓଡ଼ଗାଁ/ନୂଆଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଞ୍ଚଳ ରେ ଦେଶର ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଥିବା ବେଳ ବ୍ଲକର ରୋହିବାଙ୍କ ପଞ୍ଚାୟତ ଅନ୍ତର୍ଗତ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ରେ ଚଳିତ ବର୍ଷ ୭୬ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥି ନେଇ ଆୟୋଜିତ ଉତ୍ସବ ରେ ପଞ୍ଚାୟତର ସରପଞ୍ଚ ମହନ୍ତ ବେହେରା,ସମିତି ସଭ୍ୟ ଦିଲେଶ୍ୱର ପାତ୍ର, ପୂର୍ବ ତନ ସରପଞ୍ଚ ଶ୍ରୀ ଯୁକ୍ତ ମୁରଲୀଧର ପ୍ରଧାନ ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର କୁମାର ନାୟକ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ଓ କମିଟି ସଂପାଦକ ସନ୍ତୋଷ କୁମାର ପ୍ରଧାନ,ପଞ୍ଚାୟତ ନାୟବ ସରପଞ୍ଚ ପ୍ରମୁଖ ଅତିଥିଙ୍କ



ଉପସ୍ଥିତରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ ପତକା ଉତ୍ତୋଳନ କରି ଥିଲେ। ଏହାପରେ ପି.ବି.ଟି ଶିକ୍ଷକ ଆଲୋକ ନାୟକ ଓ ଭାରତ ସ୍କାଉଟ ଗାଇଡ୍ ପରିଚାଳନା ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ୟାରେଡ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶ୍ରୀମତୀ ଅବନ୍ତୀ ବେହେରା ଓ ଶ୍ରୀମତୀ ବିଷ୍ଣୁ ପ୍ରିୟା ବାରିକ ସଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରିୟଦର୍ଶିନୀ ମହାପାତ୍ର ସହଯୋଗ କରିଥିଲେ ।ସନ୍ତୋଷ କୁମାର ନାହାକ ଏବଂ ବିଜୟଲକ୍ଷ୍ମୀ ଦଳାଇ ଅତିଥି ସତ୍କାର ଦାୟୀତ୍ୱରେ ସୁଚାରୁରୂପେ ସମ୍ପାଦନା କରିଥିଲେ ।,ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ, ବିଦ୍ୟାଳୟର ସମସ୍ତ



ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସୂର୍ଯ୍ୟମଣି ନାୟକ,ପଦ୍ମିନୀ ନାୟକ,ଖଗେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ ଯୁକ୍ତ ରାଧାଗୋବିନ୍ଦ ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ବସ୍‌ର ଶୁଭାରମ୍ଭ କଲେ ଦୁଇ ବିଧାୟକ

**ବୌଦ୍ଧ,(ନି.ପ୍ର) :** ସୋମବାର ଦିନ ଦିବା ଘ. ୧୨:୩୦ମିନିଟ ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ବସ ଦ୍ୱୟ (ଜୟ ଜଗନ୍ନାଥ, ଗୋଲଡି (ପ୍ରିତିଶ)କୁ ଶୁଭାରମ୍ଭ କରିଛନ୍ତି ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ କ୍ଷ ବୌଦ୍ଧ ଜିଲ୍ଲାରୁ ୫୫ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ପ୍ରଶାସନ ବ୍ରହ୍ମପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ନେଇଥିବା ବେଳେ ସେମାନେ ମଙ୍ଗଳ ବାର ସକାଳେ ଟ୍ରେନ ଯୋଗେ ସିରିଡି ଓ ନାସିକ ତୀର୍ଥ ଯାତ୍ରା ପାଇଁ ଯିବେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୌଦ୍ଧ ଓ କନ୍ଧମାଳ ବିଧାୟକଙ୍କ ସହିତ ଜିଲ୍ଲାପାଳ ସୁବ୍ରତ



କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା,ଉପ - ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଉପସ୍ଥିତ ରହି ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ କ୍ଷ ଓଡିଶା ପର୍ଯ୍ୟଟନ ବିଭାଗ, ଓଡିଶା ସରକାର ଙ୍କ ପକ୍ଷରୁ ଏହି ଯାତ୍ରା ବୌଦ୍ଧ ର ପୁରୁଷ ୩୩ ଏବଂ ମହିଳା ୨୨( ବୟସ ୬୦ ରୁ ୭୫ ବର୍ଷ ) ଙ୍କୁ ଏଥିରେ ସାମିଲ କରାଯାଇଛି । ଜାନୁୟାରୀ ୨୮ ତାରିଖ ଦିନ ବ୍ରହ୍ମପୁର ରେଲ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବେ । ଫେବୃଆରୀ ୨ ତାରିଖ ଏମାନେ ସମସ୍ତେ ସିରିଡ଼ି, ନାସିକ ରୁ ବୌଦ୍ଧ କୁ ପ୍ରତ୍ୟାବର୍ତ୍ତନ କରିବେ କ୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରା ଟିମ ଗତକାଲି ସନ୍ଧ୍ୟା ଠାରୁ ଲାଗିପଡ଼ିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଅଙ୍କୁର ଯାନୀ ଙ୍କ ନେତୃତ୍ୱ ରେ ଡେପୁଟି କଲେକ୍ଟର ଦୋଳଗୋବିନ୍ଦ ସାହୁ ଏବଂ ପୁରା ଟିମ ଗତକାଲି ବରିଷ୍ଠ ତାର୍ଥଯାତ୍ରୀ ମାନେ ଆସିବା ପର ଠାରୁ କାମରେ ଲାଗି ପଡ଼ିଥିଲେ । ଦୁଇ ଅଧିକାରୀ (ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ସୁଦାମ ଚରଣ ସ୍ୱାଇଁ ତୀର୍ଥ ଯାତ୍ରୀ ଙ୍କ ସହ ବ୍ରହ୍ମପୁର ପର୍ଯ୍ୟନ୍ତ ଯିବାକୁ ଥିବାବେଳେ ଦୁଇ ଶ୍ରବଣ କୁମାର ବରିଷ୍ଠ ରାଜସ୍ୱ ସହାୟକ ପ୍ରମୋଦ କୁମାର ସେଠୀ ଏବଂ କନିଷ୍ଠ ରାଜସ୍ୱ ସହାୟକ ସୋମେଶ ନାଏକ ସେମାନଙ୍କୁ ନେଇ ସମସ୍ତ ଯାଗା ବୁଲାଇ ବାର କାର୍ଯ୍ୟକ୍ରମ ରହିଛି । ଆଜି ବନ୍ୟା ଆଶ୍ରୟ ସ୍ଥଳୀ ରେ ମେଡିକାଲ ଟିମ ଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ସେମାନଙ୍କୁ ଚନ୍ଦନ ଟିକା, ଫୁଲମାଳ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥି ଏହି ବୃଦ୍ଧ ପିତା, ମାତା ଙ୍କ ଯାତ୍ରା ର ଶୁଭ ମନାସିବା ସହ ତୀର୍ଥ ଯାତ୍ରା ର ସଫଳ କାମନା କରିଥିଲେ । ଏଥିସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଦେଖାଇ ଯାତ୍ରା ର ଶୁଭାରମ୍ଭ କରିଥିଲେ ।

# ମୋଟେରକୁ ନୂତନ ବ୍ଲକ ମାନ୍ୟତା ଦାବି

**କଳାହାଣ୍ଡି,(ନି.ପ୍ର) :** ସମଗ୍ର ରାଜ୍ୟରେ ନୂତନ ବ୍ଲକ ଗଠନକୁ ନେଇ ଅନେକ ସ୍ଥାନରେ ଦାବି ଉଠିଲାଣି।ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ 'ମୋଟେର'କୁ ନୂତନ ବ୍ଲକ ମାନ୍ୟତା ନେଇ ଦାବି ଉଠିଛି। ଏ ନେଇ ରବିବାର ମୋଟେର ପୂର୍ତ୍ତ ବଙ୍ଗଳା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ବ୍ଲକକୁ ବିଭାଜନ କରି ସରକାର ନୂତନ ବ୍ଲକ ଗଠନ ସମ୍ପର୍କୀୟ ଖବର ପ୍ରଚାର ହେବା ପରେ ଏବେ ଅନେକ ପଂଚାୟତ ବ୍ଲକ ମାନ୍ୟତା ପାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କୋକସରା ବ୍ଲକ ୨୨ ଟି ପଞ୍ଚାୟତ ଓ ୩ ଟି ଜିଲାପରିଷଦ ଜୋନକୁ ନେଇ ଗଠିତ। ସେଥି ମଧ୍ୟରୁ ମୋଟେର ଜୋନ ରେ ୭ ଟି ପଞ୍ଚାୟତ ଥିବା ବେଳେ , ମୋଟେର, ଡହଗାଁ, ମୂଷାପାଲି,




ଖୁଣ୍ଟିଆ, ଡାଲଗୁମା, ଫୁପଗାଁ, କାଶୀବାହାଲ ଆଦି ଅଛି । ୩ ନମ୍ବର ଜୋନ ର ମୁଖ୍ୟ ପେଣ୍ଠସ୍ଥଳୀ ହେଉଛି ମୋଟେର କ୍ଷମୋଟେର ଜାତୀୟ ରାଜପଥ ୨୬ ର ମୁଖ୍ୟ ଛକ ଏହି ଭାୟା ଦେଇ ଲୋକେ ଭବାନୀପାଟଣା, ଜୟପୁର, ମୁଖିଗୁଡା, ଚାନ୍ଦାହାଣ୍ଡି ଯାତାୟତ କରିଥାନ୍ତି,ଏଠାରେ ପୋଲିସ ଫାଣ୍ଡି, ବ୍ୟାଙ୍କ, ଆଦି ରହିଛି। ଏଠାରେ ନୂତନ ବ୍ଲକ କଲେ ଜନସାଧାରଣ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଆଜି କମିଟିର ଆବାହକ ପଦ୍ମ କିଶୋର ପୁଝାରୀଙ୍କ ସଭାପତିତ୍ୱରେ ପୂର୍ବତନ ମୋଟେର ସରପଞ୍ଚ ଇଂ ସୁଶିଳ କୁମାର ଶବର, ଦେବେନ୍ଦ୍ର ପାଟଯୋଶୀ, ରୋହନ ପାଟଯୋଶୀ, ସୁବ୍ରତ ପାଟଯୋଶୀ, ନବ କିଶୋର ଦାସ, ବୈଦ୍ୟନାଥ ପାଟଯୋଶୀ, ଗୋବିନ୍ଦ ପାନ, ମଦନ ନାଏକ, ନୀଳକଣ୍ଠ ମାଝୀ, ହେମନ୍ତ ପୁଝାରି, ପ୍ରଭାକର ବେହେରା, ମାର୍କଣ୍ଡ ବେମାଲ, ଗଜାନନ ନିଆଳ, ମଣିଭଦ୍ର ପଣ୍ଡା, କୁରୁକ୍ଷେତ୍ର ବେହେରା,ପୁରୁଷୋତ୍ତମ ସିଂ, ଲକ୍ଷ୍ମଣ ନାଏକ, ଶଙ୍କର ପ୍ରସାଦ ସାହୁ, କୁରେଶ୍ୱର ମାଝୀ, ଅଜୟ କୁମାର ଦୀପ,ଲିଙ୍ଗରାଜ ବେହେରା ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଜୟପାଟଣା, ଜୁନାଗଡ଼, କୋକସରା ବ୍ଲକର ଶତାଧିକ ଜନସାଧାରଣ ଉପସ୍ଥିତ ରହି ବ୍ଲକ ଦାବୀ କୁ ରାଜ୍ୟସରକାର ଙ୍କୁ ଦାବୀ ଉପସ୍ଥାପନ କରିବାକୁ ଦାବୀ କରିଛନ୍ତି । ଏହି ଅବସରରେ ସର୍ବ ସମ୍ମତି କ୍ରମେ ନୂତନ ବ୍ଲକ ଗଠନ ନେଇ ଏକ କମିଟି ଗଠନ କରାଯାଇଛି।ସଭାପତି ଭାବେ ପଦ୍ମ କିଶୋର ପୁଝାରୀ, ସମ୍ପାଦକ ଭାବେ ରୋହନ ପାଟଯୋଶୀ, କୋଷାଧ୍ୟକ୍ଷ ଭାବେ ଯଶୋବନ୍ତ ପାଟଯୋସୀ ଓ ଅନ୍ୟ କର୍ମକର୍ତା ଙ୍କୁ ମନୋନୀତ କରାଯାଇଛି। ଆୟୋଜିତ ବୈଠକରେ ରାମ ନାରାୟଣ ପୁଝାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ପୁରୁଷୋତ୍ତମ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଏହି ଦାବିକୁ ବ୍ୟାପକ କରାଯିବ ମତ ପ୍ରକାଶ ପାଇଛି।

# ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳନ

**ଜଟଣୀ,(ନି.ପ୍ର) :** ଜଟଣୀ ତା ୨୬/୧ ସ୍ଥାନିୟ ଖୋର୍ଦ୍ଧାରୋଡ ମଣ୍ଡଳ ଠାରେ ଅବସ୍ଥିତ ଶ୍ରମିକ କଂଗ୍ରେସ ବିଭିର୍ନ କାର୍ଯ୍ୟାଳୟ ରେ ୭୫ ତମ ଗଣତନ୍ତ୍ର ଦିବସର ଅମୃତ ମହୋତ୍ସବ ପାଳନ କରାଯାଇଛି । ଆଜି ସକାଳେ ଓପେନ ଲାଇନ ଶାଖା ଠାରେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି ମହମ୍ମଦ ମୁସ୍ତାକ ଅଲି ପତକା ଉତ୍ତୋଳନ କରିଥିଲେ । ରନିଙ୍ଗ ବ୍ରାଞ୍ଚ ଠାରେ ସଭାପତି ଶିଶିର ପାତ୍ର , ହେଡ଼ କ୍ୱାର୍ଟର ବ୍ରାଞ୍ଚ ଠାରେ ସଭାପତି ଗୋପାଳ ଦାସ ଓ ବିଜେପି ଇନ୍‌ଷ୍ଟିଚ୍ୟୁଟ ଠାରେ ଇନ୍‌ଷ୍ଟିଚ୍ୟୁଟ ସଭାପତି ଖୋର୍ଦ୍ଧାରୋଡ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ଆର ଏନ ଏ ପରିଡା ପତକା ଉତ୍ତୋଳନ କରିଥିଲେ । ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଶ୍ରୀ ଏଲ ଡି ମହାନ୍ତି ପତକା ଉତ୍ତୋଳନ ଉତ୍ସବ ପରିଚାଳନା କରିଥିଲେ । ଆୟୋଜିତ ସାଧାରଣତନ୍ତ୍ର



ଦିବସ ରେ ବାବା ସାହେବ୍ ଭିମ୍ ରାଓ ଆମ୍ବେକରଙ୍କ ପ୍ରଣୀତ ସମ୍ବିଧାନ ଆଜିର ଦିନ ୭୫ ବର୍ଷ ପୂର୍ବେ ପ୍ରଣୟନ ହୋଇଥିଲା। ଅତ୍ୟନ୍ତ ନିମ୍ନ ସ୍ତର ର ଲୋକଙ୍କ ଅଧିକାର ପାଇଁ ରହିଥିବା ଆର୍ଥିକ, ସାମାଜିକ ନ୍ୟାୟ, ସମାନତା ଓ ନିଜ ଅଧିକାର ସମ୍ପର୍କରେ ଆଇନି ପ୍ରଣୟନ ହେତୁ ଦେଶ ଆଜି ପଞ୍ଚମ ଆର୍ଥିକ ମହାଶକ୍ତି ରେ ପରିଣତ ହୋଇପାରିଛି ବୋଲି ଶ୍ରୀ ପରିଡା ଓ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟ ରଖିଥିଲେ । ବିଜେପି ଇନ୍‌ଷ୍ଟିଚ୍ୟୁଟ ରେ ବିଭିର୍ନ ଉତ୍ସବ , ପର୍ବ ପର୍ବାଣୀରେ ଓ ବିଭିର୍ନ ପ୍ରତିଯୋଗିତା ସମୟରେ ବିଶେଷ କରି ମହିଳା ମାନେ ଶୌଚ ହେବା ପାଇଁ ଏକ ଶୌଚାଳୟ ନିର୍ମାଣ ନିମନ୍ତେ ଶ୍ରମିକ କଂଗ୍ରେସ ମଣ୍ଡଳ ସଂଯୋଜକ ଶ୍ରୀ ଭଞ୍ଜ ନିଜ ବକ୍ତବ୍ୟ ରେ ଦାବି ଉପସ୍ଥାପନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସହ ସଂଯୋଜକ ଶ୍ରୀ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଶ୍ରୀ ଏମ ଜି କେ ରାଓ (ଗୋପୀ), ସୁବ୍ରତ ପଣ୍ଡା, ଅକ୍ଷୟ ପ୍ରଧାନ, ପି ରାଜା ରାଓ, ସନ୍ତୋଷ ଖଟେଇ, ପି ଏଲ ସାମନ୍ତରାୟ , ଜି ଆର୍ ଏମ ରାଓ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜାତୀୟ ସିନିଅର୍ ଫେଲୋସିପ୍‌ରେ ମନୋରଂଜନଙ୍କ ଚମକ



**ବଲାଙ୍ଗିର,(ନି.ପ୍ର) :** ଭାରତ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ତଥା ସଂସ୍କୃତି ଗବେଷଣା କେନ୍ଦ୍ର, ନୂଆ ଦିଲ୍ଲୀ ତରଫରୁ ୨୦୨୨-୨୩ ବର୍ଷ ପାଇଁ ବରିଷ୍ଠ ବା ସିନିଅର୍ ବିଭାଗରେ ଫେଲୋସିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବଲାଙ୍ଗିର ମାଟିର ସୁଯୋଗ୍ୟ ସନ୍ତାନ ତଥା ଯୁବ ନୃତ୍ୟଗୁରୁ ଶ୍ରୀଯୁକ୍ତ ମନୋରଂଜନ ପଟେଲ । ସେ ଲୋକନୃତ୍ୟ ବିଭାଗରେ ଆସନ୍ତା ଦୁଇ ବର୍ଷ ପାଇଁ ଗବେଷଣା କରିବେ । ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ଯାହା ବଦଳରେ ତାଙ୍କୁ ପଶ୍ଚିମ ଓଡିଶାର ଲୁପ୍ତପ୍ରାୟ ଲୋକନୃତ୍ୟ ଉପରେ ଗବେଷଣା କରି ଏହି ଅଂଚଳର କୁନିକୁନି ପିଲାଙ୍କଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଲୋକନୃତ୍ୟ ସମ୍ପର୍କରେ ଅବଗତ କରାଇବେ। ନୂତନ ପିଢି ପାଇଁ ତାଙ୍କ ଗବେଷଣା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କଳାକାର ମାନଙ୍କ ମଧ୍ୟରେ ମତପ୍ରକାଶ ପାଇଛି । ଦୀର୍ଘ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଦେଶର ବିଭିନ୍ନ ଉତ୍ସ୍ୱ, ମହୋତ୍ସବ ଆଦିରେ ନୃତ୍ୟ ପ୍ରଦର୍ଶନ କରିଆସୁଥିବା ଏବଂ ଜିଲ୍ଲା ତଥା ରାଜ୍ୟର ଅନେକ ନୃତ୍ୟ ପ୍ରତିଯୋଗିତାର ବିଚାରକର ଭୂମିକା ତୁଲାଇ ଆସୁଥିବା ମନୋରଂଜନ ଏଥର ଜାତୀୟସ୍ତରର ପ୍ରତିଯୋଗିତାରେ ଚମକିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବଲାଙ୍ଗିର କଳାକାର ଜଗତରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନାର ସୁଅ ଛୁଟୁଛି ।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

